# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**21 June – 2025**

**News Editor : Tapan Kumar Moharana**

*******************************

## ମୁଖ୍ୟ ସମ୍ବାଦ

- ସଂଘର୍ଷରୁ ସହଯୋଗ ଏବଂ ଚାପରୁ ମୁକ୍ତ ପାଇଁ ଯୋଗ ମାର୍ଗ ପ୍ରଦର୍ଶନ କରିଥାଏ କହିଲେ, ପ୍ରଧାନମନ୍ତ୍ରୀ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ଯୋଗାଭ୍ୟାସ ଉତ୍ସବ ଅନୁଷ୍ଠିତ

— ଯୋଗ ହେଉଛି, ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଆଧ୍ୟାତ୍ମିକ ସଂଗମ; କହିଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟର ବିଭିନ୍ନ ସ୍ଥାନରେ ଦେଖାଦେଇଥିବା ଝାଡାବାନ୍ତି ସ୍ଥିତିର ଆଜି ଅପରାହ୍ଣରେ ହେବ ସମୀକ୍ଷା

ଏବଂ

- ଏକାଦଶୀ ତିଥିରେ ଜ୍ୱରରୁ ଉପଶମ ପାଇଁ ଶ୍ରୀଜୀଉଙ୍କୁ ଲାଗି ହେବ ଦଶମୂଳ

# ପିଏମ୍-ଯୋଗ (ଏପି)

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବୃଦ୍ଧି ପାଉଥିବା ଚାପ, ଅଶାନ୍ତି ଏବଂ ଅସ୍ଥିରତା ମଧ୍ୟରେ ଯୋଗ ଶାନ୍ତିର ପଥ ପ୍ରଦର୍ଶନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଆନ୍ଧ୍ରପ୍ରଦେଶରେ ବିଶାଖାପଟନମ୍‌ଠାରେ ଏକାଦଶ ଅନ୍ତର୍ଜାତୀୟ ଯୋଗଦିବସ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଜୀବନରେ ସନ୍ତୁଳନ ରକ୍ଷା କରିବାରେ ଯୋଗ ବିଶେଷ ସହାୟକ ହୋଇଥାଏ । ଆଭ୍ୟନ୍ତରୀଣ ଶାନ୍ତି ବଜାୟ ରଖିବା ପାଇଁ ଯୋଗ ଦିବସକୁ ଏକ ମାର୍ଗ ଭାବେ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ବିଶ୍ୱ ସଂପ୍ରଦାୟକୁ ଆହ୍ୱାନ ଦେଇଛନ୍ତି । ଯୋଗକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ କହିଛନ୍ତି।

**- V/O - (PM)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଯୋଗ କେବଳ ଏକ ବ୍ୟକ୍ତିଗତ ଅଭ୍ୟାସ ହୋଇ ରହିବା ଉଚିତ ନୁହେଁ ବରଂ ବିଶ୍ୱ ସହଭାଗିତାର ଏକ ମାଧ୍ୟମ ଭାବେ ବିକଶିତ ହେବା ଉଚିତ। ଯୋଗ ବିଶ୍ୱକୁ ସଂଘର୍ଷରୁ ସହଯୋଗ ଏବଂ ଚାପରୁ ସମାଧାନର ମାର୍ଗ ପ୍ରଦାନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଯୋଗ ବିଜ୍ଞାନ ଆଧୁନିକ ଗବେଷଣା ମାଧ୍ୟମରେ ବିଶ୍ୱସ୍ତରରେ ପ୍ରସାର କରିବାରେ ଭାରତର ପ୍ରୟାସ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସମସାମୟିକ ଚିକିତ୍ସା ପଦ୍ଧତିରେ ଏହାର ବୈଜ୍ଞାନିକ ପ୍ରାସଙ୍ଗିକତା ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି ।

ନୂଆଦିଲ୍ଲୀ ଏମ୍‌ସର ଗବେଷଣା ନିଷ୍କର୍ଷକୁ ଆଧାର କରି ପ୍ରଧାନମନ୍ତ୍ରୀ କହିଛନ୍ତି, ହୃଦ୍‌ରୋଗ ଏବଂ ସ୍ନାୟୁଗତ ରୋଗର ଚିକିତ୍ସାରେ ଯୋଗର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ମହିଳାଙ୍କ ସ୍ୱାସ୍ଥ୍ୟ ଓ ମାନସିକ ସୁସ୍ଥତାରେ ଯୋଗର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।
ବିଶାଖାପଟନମ୍ କାର୍ଯ୍ୟକ୍ରମରେ ପ୍ରାୟ ୨ ଲକ୍ଷ ୭୨ ହଜାର ଲୋକ ଅଂଶ ଗ୍ରହଣ କରିଥିଲେ ।

## ମୁଖ୍ୟମନ୍ତ୍ରୀ-ଯୋଗ

ଯୋଗ ହେଉଛି ବିଶ୍ୱ ମାନବ ସମାଜକୁ ଏକ ମହାର୍ଘ୍ୟ ଉପହାର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏକାଦଶ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆଜି ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ଠାରେ ରାଜ୍ୟ କ୍ରୀଡା ଓ ଯୁବବ୍ୟାପାର ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଯୋଗ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ଯୋଗ କେବଳ ଏକ ବ୍ୟାୟାମ କିମ୍ୱା ଆସନ ମଧ୍ୟରେ ସୀମିତ ରହିବା ଉଚିତ ନୁହେଁ, ଏହା ଶାରୀରିକ ବ୍ୟାୟାମଠାରୁ ବହୁତ ଉଚ୍ଚରେ। ଯୋଗ ହେଉଛି ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଆଧ୍ୟାତ୍ମିକ ସଂଗମ ବୋଲି କହିଛନ୍ତି।

**- V/O -(CM)**

କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ଯୋଗ ଶିବିରରେ ପ୍ରାୟ ୧୫ ହଜାର' ଯୋଗାଭ୍ୟାସ କରିଥିଲେ।

# ଯୋଗ – ଜିଲ୍ଲା

**ଖୋର୍ଦ୍ଧା**ରୋଡ ମଣ୍ଡଳ ପକ୍ଷରୁ ପୂର୍ବତଟ ରେଳବାଇ ସ୍ପୋର୍ଟସ୍ ଷ୍ଟାଡିୟମ୍ଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏଥିରେ ରେଳମଣ୍ଡଳ ପ୍ରବନ୍ଧକ ଏଚ୍.ଏସ୍ ବାଜଓ୍ୱାଙ୍କ ସହିତ ବିଭିନ୍ନ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରି ସମସ୍ତଙ୍କୁ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ ।

**ନୟାଗଡ଼** ଜିଲ୍ଲା ପ୍ରଶାସନ ପକ୍ଷରୁ ନୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ପ୍ରେକ୍ଷାଳୟଠାରେ ଆୟୋଜିତ ଯୋଗଶିବିର କାର୍ଯ୍ୟକ୍ରମରେ ରାଜ୍ୟ ମତ୍ସ୍ୟ, ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଝାଡଖଣ୍ଡ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ  ପ୍ରମୁଖ ଯୋଗଦେଇ ଯୋଗାଭ୍ୟାସ କେବଳ ଶାରୀରିକ କ୍ଷମତା ବୃଦ୍ଧି କରେ ତାହା ନୁହେଁ, ବରଂ ଏହା ମନ ଓ ଆତ୍ମାକୁ ଶାନ୍ତି ପ୍ରଦାନ କରିଥାଏ ବୋଲି କହିଥିଲେ ।

**ଫୁଲବାଣୀ**ଠାରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗ ଦିବସରେ ଗଣଶିକ୍ଷା, ଅନସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଯୋଗର ଉପକାରିତା ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ ।

**ଝାରସୁଗୁଡ଼ା**ର ଦ୍ୱିତୀୟ ସଶସ୍ତ୍ରବାହିନୀ ପରେଡ୍ ପଡିଆଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ପ୍ରତିଦିନ

ନିୟମିତ ଯୋଗ କରିବା ସହ ଏହାକୁ ଜନଆନ୍ଦୋଳନରେ ପରିଣତ କରିବା ଲାଗି କହିଥିଲେ।

**ପୁରୀ** ଜିଲ୍ଲାସ୍ଥିତ କୋଣାର୍କଠାରେ ଜିଲ୍ଲାସ୍ତରୀୟ ଯୋଗ ଦିବସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ପୁରୀ ସାଂସଦ ସମ୍ବିତ୍ ପାତ୍ର ଓ ଜଗତ୍ସିଂହପୁର ସାଂସଦ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ନିୟମିତ ସୁସ୍ଥ ରହିବା ଲାଗି ଯୋଗାଭ୍ୟାସ କରିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

**ବଲାଙ୍ଗିର** ଜିଲ୍ଲା ପୃଥ୍ୱୀରାଜ ହାଇସ୍କୁଲ ପଡିଆସ୍ଥିତ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଯୋଗ ଦିବସ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଗୌରବ ଶିବାଜୀ ଯୋଗଦେଇ ସୁସ୍ଥ ଓ ନିରୋଗ ରହିବା ଲାଗି ଯୋଗ ଏକମାତ୍ର ଉପାୟ ବୋଲି କହିଥିଲେ।

**କେନ୍ଦ୍ରାପଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ ଇଚ୍ଛାପୁର ସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ  ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମହାକାଳପଡ଼ା ବିଧାୟକ ଡକ୍ଟର ଦୁର୍ଗାପ୍ରସନ୍ନ ନାୟକ ପ୍ରମୁଖ ଅଂଶଗ୍ରହଣ କରି ଯୋଗାଭ୍ୟାସ ଦ୍ୱାରା ଏକ ସୁସ୍ଥ ସମାଜ ଏବଂ ସୁସ୍ଥ ରାଷ୍ଟ୍ର ଗଠନ ହୋଇଥାଏ ବୋଲି କହିଛନ୍ତି। ଜିଲ୍ଲାର ୯ଟି ବ୍ଲକ୍ ଏବଂ ୨ଟି ପୌରାଞ୍ଚଳରେ  ମଧ୍ୟ ଯୋଗ ଶିବିରର ଆୟୋଜନ କରାଯାଇଥିଲା।

**ସୁବର୍ଣ୍ଣପୁର** ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଟାଉନ୍‌ହଲ ଓ ରାମେଶ୍ୱର ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଯୋଗ ଦିବସ କାର୍ଯ୍ୟକ୍ରମରେ ବିଧାୟକ

ରଘୁନାଥ ଜଗଦ୍ଦଲାଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଏକ ସୁସ୍ଥ ସମାଜ ପାଇଁ ଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ।

**ସମ୍ବଲପୁର** ସମଲେଇ ମନ୍ଦିର ପାର୍ଶ୍ୱ ମହାନଦୀ କୂଳ ରିଂରୋଡଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ଯୋଗଦିବସ କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଆଗାମୀ ବର୍ଷ ଜିଲ୍ଲାର ସମସ୍ତ ଗାଁରେ ଯୋଗଦିବସ ପାଳନ ହେବା ନେଇ ଚେଷ୍ଟା ଜାରି ରହିବ ବୋଲି କହିଥିଲେ।  ଏହି କାର୍ଯ୍ୟକ୍ରମରେ ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ମଧ୍ୟ ଅଂଶଗ୍ରହଣ କରିଥିଲେ।

**ଭଦ୍ରକ** ଠାରେ ଜିଲ୍ଲା ପ୍ରଶାସନ ଏନ୍‌ସିସି ନାଭାଲ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଦି ଅନୁଷ୍ଠାନ ପକ୍ଷରୁ ଯୋଗଦିବସ ପାଳିତ ହୋଇଯାଇଛି।

**ବୌଦ୍ଧ** ସହରର ଆଳତିଘାଟଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଯୋଗାଭ୍ୟାସ ସମାରୋହରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଏବଂ ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସାଧାରଣ ଲୋକମାନେ ଯୋଗାଭ୍ୟାସରେ ଭାଗ ନେଇଥିଲେ।

**ଗଞ୍ଜାମ** ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ବ୍ରହ୍ମପୁରଠାରେ ବିଧାୟକ ଅନୀଲ କୁମାର ଜିଲ୍ଲାସ୍ତରୀୟ ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ ସୁସ୍ଥ ଜୀବନଯାପନରେ ଯୋଗର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ।

ରାଜ୍ୟର ପୁରପଲ୍ଲୀଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଯୋଗ ଡେ-ଆକାଶବାଣୀ

ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ନୂଆଦିଲ୍ଲୀସ୍ଥିତ ଆକାଶବାଣୀର ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର ଯୋଗ ଅଧିବେଶନକୁ ପରିଚାଳନା କରାଯାଇଛି । ଆକାଶବାଣୀର ମହାନିର୍ଦ୍ଦେଶକ ଡକ୍ଟର ପ୍ରଜ୍ଞା ପାଲିଓ୍ୱାଲ ଗୌର, ଅତିରିକ୍ତ ମହାନିର୍ଦ୍ଦେଶକ ମଧୁ ନାଗ୍, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଥିଲେ ।

କଟକ ଆକାଶବାଣୀ କେନ୍ଦ୍ର ପରିସରରେ ଆଜି ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଆକାଶବାଣୀ କର୍ମଚାରୀମାନଙ୍କୁ ଦୁଇଜଣ ଯୋଗ ଗୁରୁ ଉପସ୍ଥିତ ରହି ଯୋଗାଭ୍ୟାସ କରାଇଥିଲେ।

## ଡାଇରିଆ-ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଝାଡାବାନ୍ତି ପରିସ୍ଥିତି ଅନୁଧ୍ୟାନ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଲୋକସେବା ଭବନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ମନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ସଚିବମାନେ ଅଂଶଗ୍ରହଣ କରିବେ। ରାଜ୍ୟରେ ବ୍ୟାପିଥିବା ଜିଲ୍ଲାଗୁଡ଼ିକରେ  ହଇଜା ସଂକ୍ରମଣ ରୋକିବା ନେଇ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯିବ।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ଡାଇରିଆ ନିରାକରଣ ଅଭିଯାନ ଜାରି ରହିଛି । ଯାଜପୁର, କେନ୍ଦୁଝର, ଭଦ୍ରକ, କଟକ ଓ ଢେଙ୍କାନାଳ ଆଦି ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଏହି ଅଭିଯାନକୁ ଅଧିକ ବ୍ୟାପକ କରାଯାଇଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ରାଜ୍ୟରେ ଡାଇରିଆ ସ୍ଥିତିରେ ସକାରାତ୍ମକ ପରିବର୍ତ୍ତନ ଆସିଛି ।

## ଝାଡାବାନ୍ତି–ଭଦ୍ରକ

**ଭଦ୍ରକ** ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ୍ ଷୋଳମ୍ପୁର ପଂଚାୟତ ଅନ୍ତର୍ଗତ ତିଖିଲିଆ ଦାଣ୍ଡକୂଳ ଗ୍ରାମ ପଂଚାୟତିରାଜ ଓ ପାନୀୟଜଳ ବିଭାଗ ନିର୍ଦ୍ଦେଶକ ନୀତିନ ଭରଦ୍ୱାଜ ପରିଦର୍ଶନ କରି ଝାଡାବାନ୍ତି ଆକ୍ରାନ୍ତ

ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା ପ୍ରଶାସନ ଅଧିକାରୀ, ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହ ଯନ୍ତ୍ରୀଙ୍କୁ ନେଇ ହୋଇଥିବା ସମୀକ୍ଷା ବୈଠକରେ ଶୁଦ୍ଧ ପାନୀୟ ଜଳ  ସେବନ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଶ୍ରୀ ଭରଦ୍ୱାଜ ଗୁରୁତ୍ୱ ପ୍ରଦାନ କରିଥିଲେ।

## ଓମ୍‌ଫେଡ୍ କ୍ଷୀରର ଦାମ୍

ଓମ୍‌ଫେଡ୍ କ୍ଷୀର ଦର ଆଜିଠାରୁ ଲିଟର ପିଛା ୨ ଟଙ୍କା ବୃଦ୍ଧି ପାଇଛି। ଓମ୍‌ଫେଡ୍‌ର ପ୍ରିମିୟମ କ୍ଷୀର ଦର ୨୬ଟଙ୍କାରୁ ବୃଦ୍ଧି ପାଇ ୨୭ ଟଙ୍କା ହୋଇଛି। ଓମ୍‌ଫେଡ୍ ଗୋଲ୍ଡ ମିଲ୍କ ଲିଟର ପିଛା ୫୬ ଟଙ୍କା ହୋଇଛି। ସେହିପରି ଓମ୍‌ଫେଡ୍ ଟୋନ୍‌ଡ୍ ମିଲ୍‌କ ଲିଟର ପିଛା ୫୦ଟଙ୍କାରେ ପହଞ୍ଚିଛି।

## ମହାପ୍ରଭୁଙ୍କୁ ଦଶମୂଳ

**ପୁରୀ** ଶ୍ରୀମନ୍ଦିର ବଡ଼ଦେଉଳରେ ଅନବସର କ୍ରମରେ ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦଶମୂଳ ଲାଗି ହେବ। ଜ୍ୱରରେ ପୀଡିତ ଦାରୁବ୍ରହ୍ମଙ୍କଠାରେ ଦଶମୂଳ ମୋଦକ ଲାଗି ହେଲେ ସୁସ୍ଥ ହୋଇଥାନ୍ତି ବୋଲି ଶାସ୍ତ୍ରରେ ଲେଖା ଅଛି। ଶ୍ରୀମନ୍ଦିରର ବୈଦ୍ୟ ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ମୋଦକ ପ୍ରସ୍ତୁତ କରି ଗତକାଲି ମନ୍ଦିର ଗାରଦରେ ଦାଖଲ କରିଛନ୍ତି। ଆୟୁର୍ବେଦ ପଦ୍ଧତିରେ ଦଶମୂଳ ମୋଦକ ପ୍ରସ୍ତୁତ କରାଯାଇଥାଏ। ଦଶମୂଳ

ପ୍ରସ୍ତୁତିରେ ସୁଦ୍ଧପୂତ ଭାବେ ଏବଂ ମହାପ୍ରଭୁଙ୍କ ପ୍ରତି ନିଷ୍ଠା ରଖି ପ୍ରସ୍ତୁତ କରାଯାଇଥାଏ। ଅଣସର ଗୃହରେ ଜ୍ୱରରେ ପୀଡିତ ଦାରୁବ୍ରହ୍ମଙ୍କୁ ଫୁଲୁରି ତେଲ ଓଷ ଲାଗି ହେବା ପରେ ଆୟୁର୍ବେଦ ଚିକିତ୍ସା ମହାପ୍ରଭୁ ଦ୍ୱାରା ଧୀରେ ଧୀରେ ସୁସ୍ଥ ହେଉଛନ୍ତି।  ଆଷାଢ଼ କୃଷ୍ଣ ଦଶମୀ ପର୍ଯ୍ୟନ୍ତ ମହାପ୍ରଭୁ ଶୁକ୍ଳ ବସ୍ତ୍ର ପରିଧାନ କରିଥାନ୍ତି ଏବଂ ଶୁଭ୍ର ପୁଷ୍ପ ଲାଗି ହୋଇଥାଏ।

ଅନ୍ୟପକ୍ଷରେ, ଅଣସରରେ ପ୍ରଭୁ ଚତୁର୍ଦ୍ଧା ମୂରତୀ ବିଜେ ହୋଇଥିବାରୁ ଭକ୍ତମାନେ ପୁରୀ ନିକଟସ୍ଥ ବ୍ରହ୍ମଗିରି ଯାଇ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରୁଛନ୍ତି। ଶ୍ରୀଅଲାରନାଥଙ୍କ ପୀଠରେ ପ୍ରଭୁଙ୍କୁ ତୁଳସୀ ଚନ୍ଦନ ଓ ପୁଷ୍ପରେ ୩ ଥର ବିଭିନ୍ନ ବେଶ କରାଯାଇଥାଏ। ଅନ୍ୟଦିନ ଅପେକ୍ଷା ଅଣସର ସମୟରେ ଲକ୍ଷାଧିକ ଭକ୍ତ ଶ୍ରୀଅଲାରନାଥଙ୍କ ପୀଠକୁ ଦର୍ଶନ ପାଇଁ ଆସିଥାନ୍ତି।

********************************